# କିଶୋରଚନ୍ଦ୍ରାନନ୍ଦଚମ୍ପୂ



# କ

କି ହେଲା ରେ, କହିତ ନୁହଇ ଭାରତୀରେ,
କାଲି ଯା ଦୂରରୁ ଦେଖି, କଳନା କଲା ମୋ ଆଖି,
କଳା ଇନ୍ଦୀବର ଆରତିରେ ॥

କେଳି କଦମ୍ବ ଲତାର, କୋଳେ କି ଶ୍ୟାମଳତାର,
ତେଜ ସେ ରବିସୁତାର ତୀରେ,
କମ୍ପି  ମୋର କଳେବର, ହୋଇଗଲା ଆରପାର,
ଯାହାକୁ ଡରଇ ତାର ତୀରେ ॥

କୁସୁମ କୋଦଣ୍ଡ କାଣ୍ଡ,  କେତେ କରିଥିଲା ରୁଣ୍ଡ
କର୍କଶ ନୋହିବା ଭାରତିରେ,
କହୁଛି ବରଜି ଲଜ୍ଜା, କେବଳ ହେଲା ମୋ ମଜ୍ଜା,
ମଜ୍ଜିଯିବି କି ଉଭା ରତିରେ ॥

କି ମୋହନ ଲୀଳା ଧରି, କୋଟି କଳାକର ଶିରୀ,
ପୂରିଛି ସେ ଶ୍ୟାମ ମୂରତିରେ,
କୁତ୍ସା କରେ ମୁଁ  ଧାତାକୁ, କାହିଁକି ସରଜି ତାକୁ,
ଚିରାୟୁ ରଖିଲା ଜରତୀରେ ॥

କି ନୀତି କି ଜାତିଶୀଳ, କି କୁଳବରତ ଫଳ,
ଠଉରି ପାରିଲା ମୋ ମତିରେ ?
କୋମଳତର ମୋହନ, କୁଞ୍ଜକୁକ୍ଷିରୁ ନିଃସ୍ୱନ
ଆସି ଚୁମ୍ବିଦେଲା ମୋ ଶ୍ରୁତିରେ ॥

କଲବଲ ଛଟପଟ, ହୋଇ ଯାଉଛି ନିପଟ,
ସଂବେଶ ଅଶନ-ବିରତିରେ,
କହଇ ଶ୍ରୀ ବାଲୁକେଶ ଶରଣ-ଧରଣୀ ଈଶ,
ଏ କି ଦଣ୍ଡ ବିନା ପୀରତିରେ ॥

# ଖ

ଖରାପ ତୁ ହେଲୁ ରେ,
ଖେଳଲୋଳଖଞ୍ଜନାକ୍ଷି କି ସାହାସ କଲୁ ରେ ॥

ଖର୍ବ ହୋଇ ସୁରତରୁକୁସୁମ ବାଞ୍ଛିଲୁ ରେ,
ଖେଦବୀଜ ନିଜ ହୃଦ-କେଦାରେ ବିଞ୍ଛିଲୁରେ ॥

ଖିଆଲ ପରି କି ଧନ ମନରେ ଭାଳିଲୁ ରେ,
ଖଳିକାର ନୋହି କଳାନାଗକୁ ଚାଳିଲୁ ରେ ॥

ଖରା ସ୍ମରି ଝାଉଁଳିବା ଶ୍ରୀଅଙ୍ଗ ପାଇଲୁ ରେ,
ଖମଣିମଣ୍ଡଳକୁ ତୁ କର ବଢ଼ାଇଲୁ ରେ ॥

ଖାଇ ଦେଇ କି ଅମଳ ଅଚେତା ହୋଇଲୁ ରେ
ଖାରା ଖଣ୍ଡାଧାରା ଖଟ ବିଚାରି ଶୋଇଲୁ ରେ ॥

ଖଟେ ଅଷ୍ଟଦୁର୍ଗନାଥ ତୋ ପଦେ ପହିଲୁ ରେ,
ଖଣ୍ଟ କରେ ଧନ ଦେଇ ପଦେ ନ କହିଲୁ ରେ ॥

# ଗ

ଗଲାଣି ତ ଗଲା କଥା ରେ ସଙ୍ଗାତ, ଗଲାଣି ତ ଗଲା କଥା,
ଗୁପତେ ସିନା ମୁଁ ତୋତେ ପଚାରିଲି, ବଳି ପଡବାରୁ ବ୍ୟଥା ॥

ଗଙ୍ଗାରୁ ବିଶଦ ଗଭୀର ତୋ ହୃଦ, ଗଣ୍ଠିଧନ ତୋର ସ୍ନେହ,
ଗୋଡ ଖସି ଖେଦ ହେବାର ଦରଦ ଯିବାର ଉପାୟ କହ ॥

ଗଞ୍ଜାଇକି ଜିଣି ଲାଗି ତାର ପୁଣି ରଞ୍ଜାଇଲା ମନେ ଝଳି,
ଗୋଳା ଗରଳରୁ କଟୁ ପୀୟୁଷରୁ ସ୍ୱାଦଗୁଣ ଗଲା ବଳି ॥

ଗୋଳି ଦେଲା ମୋର ବାହାର ଭିତର ସ୍ୱର ସେ ଅବା ଶର ସେ,
ଗାତ୍ର ଗୋଟିଯାକ ପୂରିଲା ପୁଲକ ଶ୍ରବଣ ସୀମା ସ୍ପରଶେ ॥

ଗିଳିଦେଲା ପୁରନ୍ଦର-ନୀଳକର-କଳିକାମୟ ତିମିର,
ଗହନ କି ଗୃହ ହୋଇଲା ସନ୍ଦେହ ନିଶ୍ଚୟ ହୋଇବ ଦୂର ॥

ଗତାଳସ ନାଟପଟୁ ଖଞ୍ଜରୀଟ ପରି କି ଆସିଲା ଉଡ଼ି,
ଗଣ୍ଡି-ଗର୍ଭେ ଗୁଳି ଗଲା ପରି ଗଳି ବିବେକ ଦେଲା ଘଉଡ଼ି ॥

ଗଗନ-କୁସୁମ ପରି ଏଥି ଶ୍ରମ ଫଳ ହୋଇବ କି କାଳେ,
ଗୋଳିଆ ନରଖି କହ ଚନ୍ଦ୍ରମୁଖୀ ଗହଳି ନଥିବା ବେଳେ ॥

ଗରିଷ୍ଠ ଅରୁଚି କାହିଁକି କରୁଚି ଅଶନେ ବସନେ ଦେହେ,
ଗୁରୁଜନତତି ଜାଣିଲେ କି ଗତି ଅଷ୍ଟଦୁର୍ଗପତି କହେ ॥

# ଘ

ଘେନାଇ ଆମ୍ଭେ ଯେତେ କହିଲୁ ରେ, ଘେନିଲୁ ନାହିଁ ବାଳା ପହିଲୁ ରେ,
ଘୃତଘଟକୁ ଶିଖି-ଶିଖା ପାଖରେ ରଖି ଶିରୀଷଦେହା ଏହା ସହିଲୁ ରେ ॥

ଘସ୍ରନାଥ ନନ୍ଦନା ଅନାଉଣିକି ମନା କରୁଁ ଯେ ଥାଉଁ ହଟି ଚାହିଁଲୁ ରେ,
ଘଟୀ ସରିକି କରେ ନାହିଁ କି ବିବେକରେ ମହାର୍ଣ୍ଣବରେ ଅବଗାହିଲୁ ରେ ॥

ଘୋଟି କିତବମ୍ଭୂକ ଘୋରି ଘୋର ଜାଙ୍ଗଳ ଗରଳତୁଲେ ତାହା ପିଇଲୁ ରେ,
ଘୁମାଇବାର ସମ୍ଭାବିଲା ନାହିଁ କି ଆମ୍ଭ ସୁଯୋଗୁଁ ସିନା ବଞ୍ଚି ଅଇଲୁ ରେ ॥

ଘେନି ଘେନାଇ ଯାଇ କହିବା ସମଯାଇ ଘଟିଲେ ଆମ୍ଭେ ଏକା ଜୀଇଲୁ ରେ,
ଘଟନା ବିରହରେ ଅବଶ୍ୟ ତ ଜହରେ ତୋ ଘେନି ଆତ୍ମଘାତି ହୋଇଲୁ ରେ ॥

ଘୋଳାରେ ପଛେ ମରୁ ଆଜୁ ମୋ ହୁକୁମରୁ ନିକୁଞ୍ଜ ଦଉଡକୁ ରହିଲୁ ରେ,
ଘାଣ୍ଟି ହେଉଛୁ ମାତ୍ର ଆନୀଳଶତପତ୍ରନେତ୍ରା ଯା ଆମ୍ଭ ବଶ ନୋହିଲୁ ରେ ॥

ଘନେ ଚପଳଲୀଳା ଚାହିଁ ଘନକୁନ୍ତଳା ତୁ କି ଏ ଅଭିଳାଷ ବହିଲୁ ରେ,
ଘାରିଦେଲୁ କି ରସେ ଅଷ୍ଟଦୁର୍ଗେଶ ଭାଷେ ଅବଶ୍ୟ ମୋହନକୁ ମୋହିଲୁ ରେ ॥

ଓଁ

ନୃଆନଟପଟଳୀମୁକୁଟ ହେ ନାହିଁ କି ଶ୍ରୀଅଙ୍ଗ ସୁଖ,
ନିପଟ ନିସ୍ତେଜ ଦିଶୁଛି ତ ଆଜ ନିରଳସ ଚନ୍ଦ୍ରମୁଖ ।।

ନୀଳୋତ୍ପଳ ବାସି ହେଲା ପରି ଦିଶି ଯାଉଛି ଦୂରୁ ଶ୍ରୀଅଙ୍ଗ,
ନାସା ନୀଳ ତିଳଫୁଲରୁ ଅନିଳ ପ୍ରସରୁଛି ବେଗ ବେଗ ।।

ନୀପଉପବନ ନିକଟ ପବନ ସ୍ପରଶରୁ ଯେବେ ଡର,
ନଦୀକୂଳସ୍ଥଳ ଏ ବଡ ଶୀତଳ ନୁହନ୍ତାଟିକି ବିହାର ।।

ନିଦ ନାହିଁ କି ନୟନେ ନିଶି ଦିନ ଆହା ମରଇ ମୋ ଧନ,
ନବନୀତ ତହୁଁ ମୃଦୁ ଦେହେ କାହୁଁ ସମ୍ଭବିଲା ଏ କଦନ ।।

ନବ ହେମଦ୍ୟୁତି ଅମରୀଏ ନିତି ନିଅନ୍ତି ଫୁଲ ଏ ବନୁ,
ନେତ୍ରପଥେ ପଡ଼ଗଲେ କି ସେ ଛାଡ଼ ଯାଉ ନାହିଁ ଜ୍ୱର ମନୁ ।।

ନ ବିହର ଗୋପ ସଙ୍ଗାଳି ଏ ପାପ ଗହନରେ କିଛି ଦିନ,
ନରେଶମଣ୍ଡନ ଶ୍ରୀହରିଚନ୍ଦନ ଜଗଦ୍ଦେବ ସ୍ତବ ଘେନ ।।

# ଚ

ଚାହିଁ ଚାହିଁ ତୋ ସରଣୀ କକୁଭକୁ ରେ ତରୁଣୀ ଚିତ୍ରାର୍ପିତ ପରି ଥିଲି ବସି ।
ଚିତ୍ର ମଣିଲି ମୁଁ ତତେ, ଚାହିଁ ଯା ଅତରକିତେ ଚାରିଚକ୍ଷୁ ମିଶାଇଲୁ ଆସି ରେ,
ଚଳାପାଙ୍ଗି, ଚନ୍ଦ୍ରରୁ ଚିପୁଡ଼ି ସୁଧା ଝରି, ଚିରତୃଷିତର ମୁଖେ ଉରି,
ଚାତୁର୍ଯ୍ୟ କୃପାଳୁ ଗୁଣନିଧି ରଖିଲୁ କି ପ୍ରାଣ ଘେନିଲି ମୁଁ ଏତେ ସରି କରି ରେ ॥

ଚେତା ଥିଲା ପରି କିଛି ପ୍ରତୀତ ତ ହେଉଅଛି, ଚିକ୍‌କଣ ତ ଦିଶୁଛି ମୋ ଦେହ ।
ଚିହ୍ନିକି ଲାଞ୍ଛନ ସତେ ଚାମରଚିକୁରା ମୋତେ ଚହକାଇ ପଚାରିଲୁ କହ ରେ,
ଚଳାପାଙ୍ଗୀ, ଚୁମ୍ବି ରବିନନ୍ଦନାର ନୀର, ଚନ୍ଦ୍ରିକାଚୟ ତୁଷାରସାର;
ଚାରୁ ମାରୁତରୁ ତରୁ-ତଳ ଶୀତଳ ହେତୁରୁ, ଚିନାଏ ତ ଖେଦ ନାହିଁ ମୋର ରେ ॥

ଚାରି ହରିତରେ ଘେରି ଚରାଉଥାନ୍ତି ବାଛୁରୀ ଚୂଳମୁକୁଟିଆ ସଖାମାନେ ।
ଚିରାମରା ଶୃଙ୍ଗ ବେଣୁ, ବାଦ୍ୟନାଦ ଶୁଣୁ ଶୁଣୁ, ଶେଷ ହୁଏ ଦିନ ଦିନେ ଦିନେ ରେ,
ଚଳାପାଙ୍ଗୀ,  ଚୁମ୍ବି ବାରୁଣିକି ଦିନଦ୍ୟୁତି, ଚପଳେ ଅମ୍ବର ବରଜନ୍ତି;
ଚରମ ଭାଗ ମୋ ଭାରି, ଲାଗି ନାହିଁ ଭ୍ରମେ ଡରି ଚମକି ତ ନାହିଁ ମୋର ଛାତି ରେ ॥

ଚାମୀକରଚାରୁ ଶିରୀ-ମତୀ ସେ କେଉଁ ଅମରୀ, ଚାଖିନାହିଁ ଦିନେ ମୋ ନୟନ ।
ଚମତ୍କାର କଥା ଦେଖି ପେଟରେ କପଟ ରଖି, ତୋତେ ନିକି ନ କହନ୍ତି ଘେନରେ,
ଚଳାପାଙ୍ଗି, ଚରାଚର ଚାଲି ଭୟମୟ, ଚକଟି ଦେଲୁ ମୋ ହୃଦାଶୟ,
ଚରଣ ଯୁଗକୁ ତୋର, ବନ୍ଦେ ଅଷ୍ଟଦୁର୍ଗେଶ୍ୱର, ଚୋରି ନାହିଁ ଥିଲେହେଁ ବଞ୍ଚାଅ ରେ ॥

# ଛ

ଛଳବାହିନୀଶ ହେ, ଛାଡ଼ଏ ସାହସ ହେ ॥

ଛବି ତ ଆବିଳ ଦିଶେ, ଛପିବାର ଅଛି କି ସେ ॥

ଛଟା କାହା କଟାକ୍ଷର, ଛୁରୀ ହେଲା କି ବକ୍ଷର ॥

ଛେଳରୁ ତ ଚିନ୍ତା ବଳି, ଛାତିରେ ଗଲାଣି ଗଳି ॥

ଛୁଟିଯାଇ ବିଚେତନା, ଛଟପଟ ହେବ ସିନା ॥

ଛଣା ସୁଧା ପରି ଦିଶେ, ଛୁଇଁ ଦେଲେ ବିଷଟି ସେ ॥

ଛଳି ମନ ତୁମ୍ ଗୁଣେ, ଛ ଦୁଇ ଦୁର୍ଗେଶ ଭଣେ ॥

# ଗ

ଜାଣିଛି ମୁଁ ଏତେ ମାତ୍ର ଗୋ ଲଳିତେ ଯାହା ଇଚ୍ଛା ତୋର ତାହା କର,
ଜ୍ୱଳନରୁ ବଳି ସେହିଦିନୁ କେଳି କରେ ବିଭାବରୀନାହାକର ॥

ଜଣ କେତେ ବ୍ରଜ ଶିଶୁ ଥିଲେ ନିଜ, ପୁରୂଁ  ଆସିଥିଲି ଖେଳାଇ ସମଜ,
ଜମ୍ଭାରାତିମଣି ଗିରୀନ୍ଦ୍ରକୁ ଜିଣିବାର ପୁରେ ହେଲା ମୋ ନଜର ॥

ଜାତିକୁରୁବିନ୍ଦ ବାତାୟନବୃନ୍ଦ, ଅନାଇଁ ମୁଁ ଚାଲୁଥିଲି ମନ୍ଦ ମନ୍ଦ,
ଜଙ୍ଗମ ହେବାର ଜମ୍ବୁନଦସାର ଶିରୀ ସ୍ଫୁରିଲା ସେ କି ପ୍ରକାର ॥

ଜୀବନଦ ନୀଳଜଳଜଯୁଗଳ, ବିଧୁବିମ୍ବେ ହୋଇ ବିଳାସବିଲୋଳ,
ଜାତ କଲା ଗର ଜରଜର ଶର-ନିକର ବରଷା ଖରତର ॥

ଜହରକୁ ଗୋଳି ଦେଲାପରି ଗିଳି, ମୋହର ଦେହର ପୀଡ଼ା ଗଲା ବଳି,
ଜୀବନାଶା ଟଳି ଯାଉଅଛି କଳି ପାରୁନାହିଁ ମୁଁ ମୋ ହୃଦନ୍ତର ॥

ଜନମନୋହରୀ ସେ ବିଚିତ୍ର ଶିରୀ, କାହା ନେତ୍ରପାତ୍ରେ ଯାଇନାହିଁ ପୂରି,
ଜଗଦ୍ଦେବ ହରିଚନ୍ଦନ ମୋହରି ନାମ କହୁଅଛି ନିରନ୍ତର ॥

# ଝ

ଝଗଡ଼ ମାତ୍ର ହେଲ ହେ ଶ୍ୟାମ, ଝିମୁଟ ହେବାକୁ ସହସ୍ର ଯାମ ।।
ଝାଉଁଳିବା ନବ ତମାଳ ରମା, ଝିଙ୍କିଆଣି ଅଙ୍ଗେ କଲଣି ଜମା ।।
ଝଡ଼ବ ବଳ କୋମଳ ଛାତିରୁ, ଝଷଧ୍ୱଜପୀଡ଼ା ଝାଞ୍ଜି ତାତିରୁ ।।
ଝୁମି ଝୁମି ଲୁଠି ପୃଷ୍ଠେ ରସାର, ଝୁରିବାର ଏକା ହୋଇବ ସାର ।।
ଝଳି ପାଞ୍ଚାଳୀ ଝଟକେ ନାହିଁ କି ? ଝୋଲା ମାଇଲା ଚୁମ୍ବକୁ କାହିଁକି ।।
ଝଲକି ଗଲ କୃଷ୍ଣ ଅକାରଣେ, ଝାଡ଼ଖଣ୍ଡ ରସା ବାଦସା ଭଣେ ।।

ନ ଭାଙ୍ଗରେ ଶୁଭାଙ୍ଗୀ, ଭାରତୀ ହୁଅ ସାହା ॥

ନୋହିଲେ ତୁ ପରିତ୍ରାଣ, ନିର୍ଦ୍ଦୟ ନତନୁ ବାଣ, ନିଃଶେଷ କଲାଟି ଦେହ ଲାହା ॥

ନୀପକୁଞ୍ଜ ଉପକଣ୍ଠେ, ନ୍ୟସ୍ତ କରାଅ ମୋ କଣ୍ଠେ, ନାଗରୀନ୍ଦ୍ର ନିରୁପମ ବାହା ॥

ନେତ୍ରାନ୍ତ ବିଳାସ ତାର, ନିଦାନ ଏ ଅବସ୍ଥାର, ନିରେଖି ଉଚ୍ଛାରୁ ଥରେ ଆହା ॥

ନିଶ୍ଚୟ ଏ ଘେନ ଚିତ୍ତେ, ନ ଜୀଇବି କଦାଚିତେ, ନ ବତାଇଲେ ତୁ ସୁଖ ରାହା ॥

ନାଥ ଅଷ୍ଟଦୁର୍ଗର ଯେ, ନିତି ସେ ମୋ ପାଦେ ଭଜେ, ନିନ୍ଦିବଟି ନ କଲେ ତୁ ତାହା ॥

# ଟ

ଟଙ୍କାରି କି ଶ୍ରବ ସରିକି ବାସବ କୋଦଣ୍ଡରୁ ଚଣ୍ଡଧନୁ,
ଟାଣେ ବିନ୍ଧେ ଶମ୍ବ ସଦୃଶ କଳମ୍ବ ତୁମ୍ଭଙ୍କୁ ଏକା ଅତନୁ ହେ ॥

ଟେକି ଏ ସୁନ୍ଦର ଶ୍ରୀମୁଖଟି ପରଘରବୁଡ଼ା ଫରମାସ,
ଟିକାଏ ହେଲେ ଯେ ହୃଦୟ ସରୋଜେ ନୋହିଲା ତ୍ରାସ ବିଳାସ ହେ ॥

ଟେକାଟେକି ମୋତେ କରି ନାନାମତେ ତୁମ୍ଭ କାମନା ପୂରିବ,
ଟାଣ ଖୁଣ୍ଟା ଗୁରୁଜନ ଗଞ୍ଜଣାରୁ ମୋ ପ୍ରାଣସଖୀ ସରିବ ହେ ॥

ଟପା ଥବା ତାର ବଚନୁ ଗୋଚର ଯେତେ ସମାଚାର ଗୋପେ,
ଟିପିଦେଲେ କଂସ ଆଗେ କେ ନୃଶଂସ ନନ୍ଦ ବନ୍ଦୀ ହେବେ ଗୋପେ ହେ ॥

ଟାକିଛ ସୁଧାଂଶୁ କଳାକୁ ଆକାଶୁଁ କରିବାକୁ ପାଣିଗତ,
ଟିକାୟିତ ଅଷ୍ଟଦୁର୍ଗର କହଇ ଶ୍ୟାମ ଏ କି ଆଚରିତ ହେ ॥

# ଠ

ଠିକ ଠ ବର୍ତ୍ତୁଳ ଚନ୍ଦ୍ରାନନା ତୋ ଚିତ୍ତରେ ।

ଠକ ରୀତି ନ ଆଚରି, ମୋ କଦନ କୁ ବିଚାରି, ଅକପଟ ତ୍ରାଣବିଧି ଉଚିତ ରେ ॥

ଠଣା ଠୁଙ୍କି ତାପ ତ୍ରାସ, ମୁଣ୍ଡେ ମନମଥ ପାଶ ବନ୍ଧନ କର ତୁ ପରା ମୋ ଚିତ୍ତ ରେ ॥

ଠଉରାଇ ଅବସର, କଲେ ତୁ ପ୍ରସଙ୍ଗ ମୋର, ଯିବ ରାଜୀବନେତ୍ରାକୁ ରୁଚିତ ରେ ॥

ଠୋ କରି ଛିଣ୍ଡାଇ ଦେ ନା, ପ୍ରିୟସଖି ମୋ ବେଦନା ନ ଲାଗଇ ନିକି ତତେ କିଞ୍ଚିତ ରେ ॥

ଠାରିଦେଲେ ନେତ୍ରାଞ୍ଚଳେ, ବିଜନ ସ୍ଥଳେ ସେ ବଳେ, ବିରାଜିବ କ୍ଷଣରୁଚି ଉଚିତ ରେ ॥

ଠାକୁର ଠାକୁରାଣୀଙ୍କ, ପଦାମ୍ବୁଜ ଧ୍ୟାନରଙ୍କ, ନୃପ ଜଗଦେବ କରେ ରଚିତ ରେ ॥

# ଡ

ଡର ନାହିଁ କି ହେ, ପର ତରୁଣୀ ହରଣୁ,
ଡୋର ଲାଗି ଘେର ପଡ଼ିବ ଯେ ହେବ ଚୋର ପରି ଆଚରଣୁ ॥

ଡୋଳା ପ୍ରତିମା କୁ ପରାୟେ ତୁମ୍ଭଙ୍କୁ ଯଶୋଦା ଅଛନ୍ତି ପାଳି,
ତୁବିବଟି ଧନ କେଳିକି ମୋହନ ଲୋଡୁଛି ଯେ କୁଳପାଳି ॥

ଡକା ଦେବା ଦିନେ ଅରିଷ୍ଟେ ଉତ୍ତାନେ ଦେଖିଛୁଁ ଶକଟ ଦଶା,
ଡାକି ମଧ୍ୟମାକୁ ଡାକି ଆଣିବାକୁ ଏଠାକୁ କାହା ଭରସା ॥

ଡବ ଡବ ବାରି ନିଃସରିବ ଚାରି ପହରେ ନୟନଯୁଗୁ,
ଡହ ଡହ ହେବ ମୃଦୁ ଅବୟବ ଶ୍ୟାମ ଶ୍ରୀଅଙ୍ଗୁଟି ଭୋଗୁ ॥

ଡାକି ତ ଜାଣ ମୋହନ ବଂଶୀରବେ ବିହର ସୁଖେ ଏ ବନେ,
ତୁଇଁ ହେବୁ ସିନା ଆମ୍ଭେ ଫଳ ବିନା ନ ପଡୁ ତା ଆମ୍ଭ କାନେ ॥

ଡାଳିମ୍ବମଞ୍ଜିମଞ୍ଜୁଳଦଶନା ସେ ଖେଳୁଥାଉ ତୁମ୍ଭ ତୁଲେ,
ଡେଉଁଥାଅ ବନଯାକ ତୁମ୍ଭ ମନ ଶ୍ରୀହରିଚନ୍ଦନ ବୋଲେ ॥

# ଢ

ଢାଳେ ତ ଢାଳିଲୁ ନାହିଁ କୃପାସୁଧା ଝରିକି ରେ ।।

ଢକ୍‌କା ବାଜୁଥାଇ ବ୍ରଜେ, ଲଳିତାର ହୃଦମ୍ବୁଜେ,
କରୁଣା ଅଛି ବୋଲି ଯା ନେଲା କେ ତା ହରିକିରେ ।।

ଢୋଳାଇଲା ପରି ଢଳି, ତଳେ ପଡ଼ିଯିବା ଭଳି,
ହେଲିନି ଯେ କୁନ୍ଦକଳିଦଶନା ଏ ସରିକି ରେ ।।

ଢୁକାଇ ଦେଲେ ତୃଷିତ, ଚକୋର ଚଞ୍ଚୁରେ ଶୀତ
ଭାନୁ ଚନ୍ଦ୍ରିକାକୁ ବିତ୍ତ ଯାଏ କିଛି ସରିକି ରେ ।।

ଢୋକୁଟିକୁ ସିନା ହଟି, ମୋ ସାର ଯାଉଛି ତୁଟି,
ପିଇ ଦିଅନ୍ତି କି ଗୋଟିଯାକ ସେ କିଶୋରୀ କି ରେ ।।

ଢବା-ତନାବିରୁ ଗୋପ ନଗରୀର ବନ୍ଦେ ଭୂପ
ବାଲୁକେଶ ଦେବ ନୀପକୁଞ୍ଜପୁଞ୍ଜ ସରିକିରେ ।।

# ୫

ଅତସୀ କୁସୁମସମ ଶ୍ୟାମ ହେ ମୁଁ ଗଲିଟି ॥

ଅଳି ତୁମ୍ଭର ନିବିଡ଼, ଅସହିଷ୍ଣୁ ସେ ଯେ ବଡ଼,
ଅବଶ୍ୟ ତା ଛାମୁରେ ମୁଁ ନିବେଦନ କଲିଟି ॥

ଅଧ ଅଧରରେ ସ୍ମିତ, ଉଲ୍ଲାସି ହେଲେ ଲଜ୍ଜିତ,
ଉହିବି ଏହିଟିବୋଲି କୃପାକଳ୍ପବଲ୍ଲୀଟି ॥

ଆରକତ କଲେ ମୁଖ, ଅଖଣ୍ଡ ସୁଧାମୟୂଖ,
ଆଷ୍ଟୁର ସରିବ ମୋର ଜୀଇଲେ ହେଁ ମଲିଟି ॥

ଅଦୃଷ୍ଟବଳୁଁ କିଶୋରୀ, ଅଙ୍ଗୀକାର କଲେ ସରି,
ଅଭାବେ ଉଛନ୍ନ ହେବ ଏ ବଲ୍ଲବପଲ୍ଲୀଟି ॥

ଉଗ୍ରନିର୍ଦ୍ଦେଶ ନୃପର, ଉପବନେ ଗୋପପୁର,
ଆଶ୍ରୟ ନୋହିବ ଗୋବର୍ଦ୍ଧନଗିରିଦରୀଟି ॥

ଅଷ୍ଟଦୁର୍ଗନାଥ ଭାଷେ, ଆହା ଧ୍ୟାନେ କି ଶୋଭା ସେ,
ଅଖିଳ ଜନନୀ ନାସାମୃଗମଦ କଲିଟି ॥

# ତ

ତୋ ଘେନି ତମାଳଶ୍ୟାମ ମୋ ମରଜି କଷିଲା ରେ,
ତଥାପି ତ ତିଳେ ହେଲେ ତୋ ସ୍ନେହେ ନ ରସିଲା ରେ ॥

ତଳେ ବସନ ପ୍ରସାରି, ତୃଣ ଦଶନାନ୍ତେ ଧରି,
କହିଲେହେଁ ଅନୁସରି, ରାଜି ତ ନ ଦିଶିଲା ରେ ॥

ତହୁଁ କି ବିଷମଭାବ, ତର୍କିଲା ମୋ ଚାଟୁ ଶ୍ରବ-
ତଟକୁ ଘଟନ୍ତେ ଅବଧାନ ବିନା ହସିଲା ରେ ॥

ତପନଜାତଟକୁ ତୁ, ତରୁଣୀଟା କେଉଁ କୁତୁ-
ହଳରୁ ଆସିଲୁ ହେତୁ, କହ ବୋଲି ଘୋଷିଲା ରେ ॥

ତାର ତୋର ସୁଲୋଚନା, ତାରତମ୍ୟ ବିବେଚନା-
ଲବ ହୋଇନାହିଁ ତହିଁ, ତୋ ଚିତ୍ତ କେ ପେଷିଲା ରେ ॥

ତିରସ୍କାର ପୂର୍ବଭାଷା, ତରଳାଇ ସୁଖଆଶା,
ତୋଟିକି ଚୁମ୍ବିଲା ତୃଷା ତିମିର ବିଳସିଲା ରେ ॥

ତୁଚ୍ଛସ୍ନେହମନ ଜନ, ତୋ ସଙ୍ଗକ କି ଭାଜନ,
ପ୍ରସନ୍ନ ହରିଚନ୍ଦନ ଜଗଦ୍ଦେବ ଭାଷିଲା ରେ ॥

# ଥ

ଥାପିରେ କହ ତଥାପିରେ ପ୍ରିୟସଖି ଥିବି କି ଛାଡ଼ିବି ପ୍ରାଣ ॥
ଥିଲାପରି ସ୍ନେହ, ଲାଗିଲା କି କହ, ଅଛିଟି ତୋତେ ମୋ ରାଣ ॥
ଥକାଇ ତୁ କହୁ, କହୁ ଧୃତି ରହୁ, ନାହିଁଟି ମୋହର ଜାଣ ॥
ଥୋକାଏ ତୋ ପ୍ରୀତି-ବିଧିକି ସମ୍ମତି କଲେ କି ମୋ ପରିତ୍ରାଣ ॥
ଥରେ ହେଲେ ବିକି, ହେବି ମୋତେ ନିକି ବଞ୍ଚାଇବ ପଞ୍ଚବାଣ ॥
ଥୋଇ ହୃଦେ ଛଳ, ନ କର ବିକଳ, କହେ ଅଷ୍ଟଦୁର୍ଗରାଣ ॥

# ଦ

ରେ ଦୁଃଖିଧନ, ଦମ୍ ଦେଖିବାକୁ ସିନା କଲି ଛନ,
ଦୁଃଖମୟ୍ ନକର ସରସ ମନ ॥

ଦୂରୁ ମୁଁ ଯିବାର ଜାଣି ହରି, ଦରିଦ୍ରନିଧି ଲଭିଲା ପରି,
ଦ୍ୱିଗୁଣ ଆଦରେ ପ୍ରମୋଦନଦରେ ମଜ୍ଜି ଘେନିଗଲେ କରଧରି ॥

ଦୟା ଜର ଜର କରି ଚିତ୍ତ, ଦନ୍ତବାସେ ରଖି ଦରସ୍ମିତ,
ଦଶବାର ଅନାମୟ୍ ମୋତେ ଘେନାଘେନି କରି ପଚାରିଲେ ମିତ ॥

ଦେଖିଲି ଯାହା ଶ୍ରୀଅଙ୍ଗଦ୍ୟୁତି, ଦଳି ହୋଇଗଲା ମୋର ଛାତି,
ଦ୍ୱିତୀୟାର ଶଶି-ଲେଖାପରି ଦିଶିତଲେନି ସେ ଇନ୍ଦ୍ରନୀଳହାତୀ ॥

ଦୁର୍ବାର ତୋ ନେତ୍ରାଞ୍ଜଳଶର, ଦେବାରୁ ଦୁଃଖ ଦୁଃସହତର,
ଦିବାଲା ହେବାର ଦେହମଜ୍ଜାସାର ଜାଣି ଯା ହେଲା ମାନସ ମୋର ॥

ଦୁର୍ବଳ ସାଳସ ଦେଖି ଚାଲି ଦୂରୁହରେ କିଛି ପଚାରିଲି,
ଦୀର୍ଘ ତପତ ନାଶାତିଳ ତେଜିଲେ ଆହା ମରଇ ତ ବିଚାରିଲି ॥

ଦେବ ଦଇବ ତୋ ଅଭିମତ, ଦୂରକର ଦ୍ୱାପରକୁ ଚେତ,
ଦବିଷ୍ଠ ଏ କଷ୍ଟଯାକ ହେବ ଅଷ୍ଟଦୁର୍ଗନାଥର ଏ ବିରଚିତ ॥

# ୮

ଧୀରା ରେ କି ଧନ ତୁ ନ ଦେଲୁ ଆଜ
ଧଇଲେ କି ସତେ କର ଯୁବରାଜ ॥

ଧରମ ବଳୁ କି ମୋର, ଧୂପି ଦେଇ ନିଜ କର
କୋଳକୁ ଆଣିଲୁ କଳାଦ୍ୱିଜରାଜ ॥

ଧୁରନ୍ଧର ସେ ଇଙ୍ଗିତେ, ଧରଷିଲୁ କେହ୍ନି ସତେ,
ଧମକାଇଲା ନାହିଁ କି କିଛି ଲାଜ ॥

ଧରାରେ ଯେତେ ପୁରୁଷେ, ଧୂର୍ତ୍ତ ତାହାଙ୍କ ଗୁରୁ ସେ
ଧନରୁ ଯେ ବଳେ ତାହାଙ୍କର ବ୍ୟାଜ ॥

ଧୃତି ହୋଇ ବଳହୀନ, ଧୂସର ହୋଇବ ମନ
ଧୋଇ ଚିନ୍ତା କଳଙ୍କ ସମାଜ ମାଜ ॥

ଧରଣୀନ୍ଦ୍ର ଜଗଦ୍ଦେବ, ଧ୍ୟାନେ ବଲ୍ଲବୀବଲ୍ଲବ-
ଧରାଧୂଳି କରେ ମସ୍ତକରେ ତାଜ ॥

# ନ

ନବବିଳାସିନି ରେ, ନକ୍ଷତ୍ରେଶ-ହାସିନି ॥

ନାହିଁ ବୋଲିବା ବାଣୀ, ନିପଟ ନାହିଁ ଶୁଣି,
ନଳିନାକ୍ଷି ରେ ହୋଇ କିସ ହେବ,
ନନ୍ଦନନ୍ଦନ ପ୍ରେମା, ପ୍ରେମାରେ ନୁହେଁ ଜମା
ନିତମ୍ବିନୀଙ୍କି ଯେବେ ଗତି ଥିବ ॥

ନିଷ୍ଠୁରଗୁଣ ଲୁଳି- ଶରୁ ପଡ଼ିଛି ବଳି,
ନିଶ୍ଚୟ୍ ତିନି ବର୍ଣ୍ଣ ନାହିଁ ଲେଖି,
ନାଗରୀ ବିମୋହନ, ମନ୍ତ୍ର ମାତ୍ରକ ମନ
କପଟ ସମ୍ପୁଟରେ ଅଛି ରଖି ॥

ନିରନ୍ତରାୟ୍ ରସ- ପ୍ରସାରଣେ ପୀୟୂଷ
ଧାରାଧିକ୍‌କାରକାରୀ ପରି ଲାଗେ,
ନିମିଷକରେଜ୍ୱାଳା, ଜନ୍ମାଏ ଜିଣି ହଳା-
ହଳକୁ ଯେ-ସଙ୍ଖାଳି ମହାନାଗେ ॥

ନିଶିଦିନ ଶୟନ, ନ ଜାଣଇ, ନବୀନ
ବିସିନୀଦଳ ଶେଜ ଯାଏ ଜଳି,
ନୀପବନ ପବନ, ନିର୍ଦ୍ଧୂମଶିଖ ଧନ-
ଞ୍ଜୟ୍ ଶ୍ୱାସରୁ କରେ କଟୁ କେଳି ॥

ନିନ୍ଦାର ନିକେତନ, ହୋଇବୁରେ ନୂତନ-
ମନ୍ଦାର-ବିମ୍ବ-କୁରୁବିନ୍ଦାଧରା,
ନିଶା-ରମଣ-କର- କଳିକା-କଣ ତୋର,
ହୋଇଯିବ କଳ୍ପାନ୍ତକାଳ ଖରା ॥

ନ' ବରଷରୁ ଊଣା କାନ୍ହୁ ତ ଅଛି ଜଣା
ନଖାଗ୍ରେ ଉଦ୍ଧରିଲା ଗୋବର୍ଦ୍ଧନ,
ନବ ନୀରଜ କୋଷ- ନିଭ ତୋ କୁଚ କିସ
ଅଣ୍ଟିବ କଣ୍ଠୀରବମଧ୍ୟା ଘେନ ॥

ନିବେଦନ କରୁଛି କରକଞ୍ଜ ଧରୁଛି,
ହେଲେ ହେଉ ଅରୁଚି ନିଦ୍ରାହାରେ,
ନରନାଥ ଶ୍ରୀହରି- ଚନ୍ଦନ ବନ୍ଦେ ଗୋରି
ନ ରସ ନୀଳବାହା ମୁଦ୍ରାହାରେ ॥

# ପ

ପ୍ରିୟସହି, ପରମାଦ ବଡ଼ ତୁହିଗୋ, ପାରୁ କେତେ ଛନ୍ଦେ ମୋହି ଗୋ ॥

ପରମପଦରେ ନେଇ ଜାଣୁ ତୁ ବସାଇ, ପୁଣି ତହୁଁ ଜାଣି ତଳାତଳକୁ ଖସାଇ
ପାଶୋରାଇ ମନ୍ତୁ ନାନା କଦନ ଲସାଇ, ପୀଡୁ ଅଶ୍ରୁ ବରଷାଇ ଗୋ ॥

ପ୍ରପଞ୍ଚପାକରେ ଜଣା ନଥାଇ ସଂଶୟ, ପସନ୍ଦ ନୁହଇ ପରପୁରୁଷରେ ସ୍ନେହ
ପରବେଶ ହେବ ଯେବେ ପ୍ରାଣତୁଲେ ଦେହ, ପ୍ରାଣୀ କି କରିବ କହ ଗୋ ॥

ପରବଚନ୍ଦ୍ର ଚିପୁଡ଼ି ପିଇବା ପୀୟୂଷ, ପରିଣତି ସମୟେ ସେ ହେବ ଯେବେ ବିଷ,
ପ୍ରସନ୍ନହେବା ଗଙ୍ଗାରେ ଜନ୍ମିଲେ କିଲ୍ବିଷ, ପ୍ରୟୋଗ କରିବା କିସ ଗୋ ॥

ପିଆଇ ଦୁହିଙ୍କିଅଧରେ ଦୁହିଙ୍କ ଅଧର, ପଛେ କହ ଆଚରଣ ପୂତନାବଧର,
ପୀତପଟନଟ ନାଁ ମୋ ଆଗରେ ନ ଧର, ପାଳିଏ ମାତ୍ରଉଦ୍ଧର ଗୋ ॥

ପୁରନ୍ଦରମଣି ଶ୍ୟାମେ ଅଛି ମୋ ତରସ, ପରପରିବାଦମୂର୍ଣ୍ଣେଟାକର ବରଷ,
ପୃଥ୍ୱୀଚକ୍ରବାଳ ପରିଦୃଢ଼ ବାଳୁକେଶ, ପ୍ରସରାଇଲେ ଏ ରସ ଗୋ ॥

# ଫ

ଫାଟିପଡ଼ିବାର ନିକୁଞ୍ଜସଞ୍ଚାର ଶ୍ରମୁଁ ମୋ ଚରଣତଳ;
ଫତୁରି ଖୋର ଆଖରକୁ ହେବାର ଏହି ଏକା ଏଥୁ ଫଳ,
ରେ କିଶୋରି; ଫିଟିଗଲା ଯେ ସନ୍ଦେଶ,
ଫୁଲିଗଲୁ ଫୁଲ କଳାମରସିକା ଜାଣି ପରା ଶ୍ୟାମ ସ୍ନେହରେ ॥

ଫନ୍ଦାଇ ନାନା ବିନୟେ କହି ଦନ୍ତେ ତୃଣ ଧରିବାର ଗଲା
ଫଟା କପାଳରେ କୁଟିଳହୃଦୟାବୋଲାଇବା ଲେଖାଥିଲା
ରେ କିଶୋରି; ଫନ୍ଦାଧନ ତୁ ତ ମୋର,
ଫରିଆଦ କାହିଁ ତୋ ନାମେ କରିବି ନିନ୍ଦା କଲେ ପଛେ କର ରେ ॥

ଫରୁଆରେ ପରି ଉରଜରେ ଭରି ରଖ ସେ ନୀଳମଣିକି,
ଫଉଜ ତୁଲେ କୁଞ୍ଜଦ୍ୱାରେ ରଖାଅ ବେତ୍ର ବଲ୍ଲୀଧାରିଣୀକି
ରେ କିଶୋରି, ଫରମାସ ମନେମନେ,
ଫେଇଦିଅ ତୁ ମୋ ଆବର ମୁଁ ଯେବେ ଯିବି ସେ ଦିଗକୁ ଦିନେ ରେ ॥

ଫଜିତ ହୋଇ ଦୂରରେ ଥିଲେ ତୋତେ ଭଜିତ ଥିବାର ସତ,
ଫେଡ଼ନ୍ତୁ ତୋ କଷ୍ଟ ସୁଖ ଦେଇ ଅଷ୍ଟଶ୍ରୁତି ଏ ଆତ୍ମବାଞ୍ଛିତ,
ରେ କିଶୋରି, ଫୁରୁଣା ହୋଇ ତୁ ରସ,
ଫେରିଆସି ମାତ୍ରଆତ୍ମ ଆଗେ ନେତ୍ରକଞ୍ଜୁ ନୀର ନ ବରଷ ରେ ॥

ଫୋଟକା ହେଉଛି ସିଞ୍ଚିବା କର୍ପୂରଚନ୍ଦନମିଶ୍ରିତ ବାରି,
ଫୁଙ୍କି ଦେଲେ ଉଡ଼ିଯିବା ପରି ସଢ଼ି ଅଛିଟି ତନୁ ବଲ୍ଲରୀ,
ରେ କିଶୋରି, ଫୁକାରା ନୋହୁ ଜଗତେ,
ଫତୁଆ ନୁହଟି ବୋଲେ ଜଗଦ୍ଦେବ ହରିଚନ୍ଦନ ଏ ଗୀତେ ॥

# ବ

ବିଚକ୍ଷଣାରେ, ବିନା ତୋ ପ୍ରୀତି କେ ଗତି ଅଛି ଜଗତୀରେ ॥

ବୋଲି ଦେଲି ସିନା ଗେଲେ ହସି, ବିଶ୍ୱେ ତୋ ସମ କାହିଁ ବିଶ୍ୱାସୀ,
ବାନ୍ଧିବାକୁ ମୋ ମନ ତୁ ପାଶି, ବିଶେଷରେ ମୋ ହୃଦନ୍ତର ତୋତେ ଜଣା ରେ ॥

ବିଶ୍ୱମ୍ଭରାରଜଙ୍ଘେଳକାଙ୍କୁଁ, ବହିଃ-ପ୍ରାଣ ପରି ପରିପାଳୁ
ବିଧିବଶୁ ନିସର୍ଗକୃପାଳୁ, ବ୍ରଜେ ହେଉଛି ଏହି ଢଣ୍ଡିମ ବାଜଣା ରେ ॥

ବିକେ କିଣେ ଯେ ଯାହାକୁ ସ୍ନେହେ, ବଡ଼ ତା'ଠାରୁ ଜୀବନ ନୋହେ,
ବଳ ତାହାଠାରେ ସିନା ସହେ, ବହିରଙ୍ଗେ ବୁଲୁଛନ୍ତି ଦେଖ ଅଗଣାରେ ॥

ବୋଲେ ଅଷ୍ଟଦୁର୍ଗର ମଘବା, ବଲ୍ଲୀ ନିକଟକୁ ଚାଲଯିବା,
ବଂଶୀଗୀତ ପୀୟୂଷ ପିଇବ, ବିଭାବରୀ ନ ପାହୁଁ ଆସିବା ଅଜଣାରେ ॥

# ଭ

ଭଙ୍ଗୀଚାହାଁ, ଭୁରୂନୀଳଭୁଜଙ୍ଗୀ-ଭ୍ରମର, ଜୀବସଙ୍ଗି ॥
ଭାଗ୍ୟ ଏ ଜନଆଖି, ଜନନରଟି ସଖି, ଜାଣରେ,
ଭରମି ନ ଯା ତୁ ମନ୍ମଥ ବାଣରେ,
ଭୁଜପାଣିକୁ ଛନ୍ଦି ମୋ ଗଳେ, ଭିଡ଼େ ପଦକଞ୍ଜ ଖଞ୍ଜ ଧରଣୀ ତଳେ,
ଭୂମଣ୍ଡନାରେ, ଭଲା ମନ୍ଦୁଛି ଦେଖ ମୁଖସୁଧାମୟୂଖ,
ଅଳକତଳ ଅଖଣ୍ଡିତ ରୋଚନାରେଖ,
ତିଳକେ ଦୃଷ୍ଟିରଖି, ସଖିରେ, କି ଦିଶେ ଚଳାଚଳ, ଚାରୁଚନ୍ଦ୍ରକଚୂଳ ॥

ଭର୍ତ୍ସିତନବରବି, କୁଣ୍ଡଳଯୁଗରବି, ଗଣ୍ଡରେ,
ଭିଦୂର ଏହିଟି ବିବେକମୁଣ୍ଡରେ,
ଭବ୍ୟଦାୟକ ମାଣିକ୍ୟବର, ଭ୍ରମଜାତ କରୁଅଛି ମଧୁରାଧର,
ଭୂମଣ୍ଡନାରେ, ଭୂଷୁଡ଼ିବଟି ସତୀବ୍ରତ ନିୟମ ଧୃତି,
ଶ୍ରୀଅଙ୍କସଙ୍ଗ ମତି ବିନା ଅନାଅ ଦ୍ୟୁତି,
ମଦଦ୍ୱିରଦଗତି, ସଖିରେ, ଶୋଭାନିଧି ତୋ ଗାତ୍ର ନ ଚୁମ୍ବୁ ଶ୍ୟାମନେତ୍ର ॥

ଭଙ୍ଗୀକ୍ରୟରେ ଉଭା ହେବାର କେଡ଼େ ଶୋଭା ପ୍ରକାଶେ
ଭରାଜି କି ହାର ସେ ବକ୍ଷ ଆକାଶେ
ଭର୍ଗ ସମାଧି ଭଙ୍ଗକରିବ, ଭଲେ ଏହା କର କମଳ ବଂଶୀରବ
ଭୂମଣ୍ଡନାରେ, ଭୁଷୁଡ଼ିବଟି ସତୀବ୍ରତ ନିୟମ ଧୃତି
ଶ୍ରୀଅଙ୍ଗ ସଙ୍ଗମତି ବିନା ଅନାଅ ଦ୍ୟୁତି
ମଦଦ୍ୱିରଦଗତି, ସଖିରେ, ଶୋଭାନିଧି ତୋ ଗାତ୍ର, ନ ଚୁମ୍ବ ଶ୍ୟାମନେତ୍ର ॥

ଭାଷିଲେ ଅଷ୍ଟଦୁର୍ଗକ୍ଷିତି କପଟ ସ୍ୱର୍ଗମଘବା
ଏ ଶୃଙ୍ଗାରସୁଧା ବରଷି ମେଘ ବା
ଭୃତ୍ୟପଣରେ ହେଲେ ଏହାର, ଭୁଜ ଭୁଜଗେନ୍ଦ୍ର କରନ୍ତା କଣ୍ଠେହାର
ଭୂମଣ୍ଡନାରେ, ଭଜିଥାନ୍ତା ରଜନୀ ଦିବସେ ପିକଦାନୀ
ଖଟି ଏ କୃପା ଘେନି ସାର୍ଥ ହୁଅନ୍ତା ଜନି
ସତେ ଜଳଜଯୋନି, ସଖିରେ, କରିବେ ଅନୁଗ୍ରହ, ଏ ମୋହନ ବିଗ୍ରହ ॥

# ମ

ମଧୁରେ, ମନ୍ଦ ମନ୍ଦ ହୋଇ ଗନ୍ଧବହ ପ୍ରସରିଲା କଦମ୍ବ ନିକୁଞ୍ଜସୀମାରେ,
ମରନ୍ଦ ସେକେ ଚମକି ଲୋକେ ଭାଷିଲେ ଇଷି ମାରେ;
ମିଳିନ୍ଦଲତା ଦମ୍ବନିତା ବଦନେ ମିଶି ମାରେ,
ମଣ୍ଡିତ ହେଲା ସେ ବନସ୍ଥଳ, ମହାରଜତ ମହେନ୍ଦ୍ରନୀଳ-
ମୟୂଖ ଶିରୀମୟ ମଞ୍ଜରୀ ବିସର ସୁଷମାରେ ॥

ମିଶିଲା ଚାରି ଲୋଚନ ବାରିରୁହ ମଦନ୍ତୁ ଲଭିଲା ଚାରି
ମିଳିଲା ଶ୍ୟାମ ଗଉର ଦୁଇ ମହ,
ମଧୁପ ଯୁବା ଲଭିଲା ଅବା ନବ ସରସୀରୁହ,
ମାନସ ଅଙ୍ଗଭେଦ ପ୍ରସଙ୍ଗ ଭଙ୍ଗ ରଚିଲା ସ୍ନେହ,
ମଉଳିଗଲା ଶେଷ ସାତ୍ତ୍ୱିକ ମୃଢ଼ନୟନ ସଂଖ୍ୟକପାକ
ମଜ୍ଜାଇଦେଲା ଦୁହିଁଙ୍କ ମନ ମହାମୋଦପ୍ରବାହ ॥

ମଦଦ୍ୱିରଦ ମଥିତହ୍ରଦ, ମୂର୍ଚ୍ଛିତ ମହୋତ୍ପଳ ଆମୋଦ,
ଫୁଲ୍ଲପରାଗ ଶ୍ରୀଅଙ୍ଗରାଗ ବାସ,
ମୃଗଲାଞ୍ଛନା ମରୀଚି ଚୂର୍ଣ୍ଣଧାବଲ୍ୟ ପରକାଶ,
ମଧୁମାଦକ ଗୁଣସୂଚକ କୋକିଳ କଳଘୋଷ,
ମଣିମଣ୍ଡିତ କିଙ୍କିଣୀଯୁତ ମଞ୍ଜୁମଞ୍ଜୀର ଭୂଷାଶିଞ୍ଜିତ
ରସନା ରଣତ୍କାର ଶ୍ରବଣ କଲା ବିବେକ ମୋଷ ॥

ମଧୁ ମଧୁର ବଧୂ ଅଧର କିଶୋରବର ରଦନାମ୍ବର,
ବିମ୍ବଚୁମ୍ବନ ଚୁଁକୃତି ସ୍ୱନମେଳା,
ମୃଦୁ ମନ୍ମନ ଧ୍ୱନି ଜନନ କଲାଟି କ୍ରୋଡ଼ଖେଳା,
ମହେନ୍ଦ୍ର ମଣି ବଳୟ ଶ୍ରେଣୀ ରଚିଲା ହୋଇ ଲୋଳା;
ମନୋଜ୍ଞ ଚାଟୁ ପୀୟୂଷମୟ, ମିଶ୍ରିତ ହେଉ ହେଉ ସମୟ,
ମାର ମହତ୍ତ୍ୱ ଗଲାକି ନାହିଁ ହେଲା ସଂଶୟଦୋଳା ॥

ମନ୍ଦାର ବନ ସେ ବନ ରସା-ଚକ୍ରେ ରଚିଲା ସୂନ ବରଷା,
ରସିଲେ ସର୍ବ ଗନ୍ଧର୍ବମାନେ ଗାନେ,
ମାତି ତାଣ୍ଡବ ରଚିଲେ ଦେବଦାସୀଏ ସାବଧାନେ,
ମର୍ଦ୍ଦଳ ଘୋଷ ହେଲା ତ୍ରିଦଶ ମଣ୍ଡଳେ ସବୁସ୍ଥାନେ,
ମୁକତ ପ୍ରାପ୍ତ ହେଲା ତ୍ରିଲୋକ ମାନସୁମ୍ଲାନ କଲେ ପାତକ,
ଶ୍ରୀ ଜଗଦ୍ଦେବ ହରିଚନ୍ଦନ ସେ ମହୋତ୍ସବ ଧ୍ୟାନେ ।।

# ଯ

ଯୋଷାବର ରେ ଯଥାର୍ଥରେ ଜାଣ ମୁଁ ତୋହର ରେ,
ଯାମଳଭୂଧରନିଭପୟୋଧର ମରଦନିଆ ଚାକର ରେ ॥

ଯାବକ ତୋ ପଦକଞ୍ଜର ସମଦଗଜଗତି ମୋ ଶେଖର ରେ,
ଯତୀନ୍ଦ୍ର ସମାଧିଖଣ୍ଡନା ତୁ ନିଧି ମୁଁ ରଙ୍କମାନଙ୍କ ବର ରେ ॥

ଯମକ କି ତୁହି ପୂର୍ଣ୍ଣଚନ୍ଦ୍ର ମୁହିଁ ମୋ ମହାଶୁଭଦଶାର ରେ,
ଯତ୍ନେ ସମ୍ପାଦିବା ଚିନ୍ତାମଣି ଅବା ମୋ କରେ ଦେଲୁ ସୁସାରରେ ॥

ଯୁବତୀ କଦମ୍ବ ରାଜା ଅବଲମ୍ବ ହୋଇଲୁ ଯେବେ ନିକର ରେ,
ଯୁଗକୁ ସନ୍ନଦ୍ଧ ହେଉ ଅତି କ୍ରୁଦ୍ଧ ହୋଇ ପଞ୍ଚେ ପଞ୍ଚଶର ରେ ॥

ଯମୁନାବାହିନୀ ତଟରୁହବନୀ ଅବନୀ ବନାଇବାର ରେ,
ଯଶରଖି ନିନ୍ଦାପଟଳୀରୁ ବୃନ୍ଦା କରାଇଲା ତ ନିବାର ରେ ॥

ଯଶୋଦା କୁମର ଗିରେ ରାଧା ଶିର ନୁଆଁଇଲେ ଲଜ୍ଜାଭର ରେ,
ଯୁଗଳ ବିଗ୍ରହ କର ଅନୁଗ୍ରହ ଅଷ୍ଟଦୁର୍ଗ-ପୁରନ୍ଦର ରେ ॥

# ର

ରସାଳସା ରେ,
ରସି ପୁଣି ଏ କି ଲୋକହସା ରେ ॥

ରକ୍ତିମା ଚୁମ୍ବିଲା ଇନ୍ଦ୍ରଆଶାରେ,
ରାଜୀବେ ପ୍ରଫୁଲ୍ଲ ହେଲେ କାସାରେ ॥

ରତିନାଥ ସମର ପ୍ରଶଂସାରେ,
ରମଣୀ କେ ନ ରସନ୍ତି ସଂସାରେ ॥

ରସନ୍ତି ରସିକେ ସିନା ନିଶାରେ,
ରଜନୀ ଶେଷରେ ଏ କି ଦଶାରେ ॥

ରମଣୀୟ ହେମକୁ ସୁଦୃଶାରେ,
ରଖିଲୁ କେଡ଼େ ନିବିଡ଼େ ମସାରେ ॥

ରହୁନା ଅଯଶ ଆଉ ରସାରେ,
ରସାରୁହରୁ ଲତାକୁ ଖସାରେ ॥

ରାଜା ଅଷ୍ଟଦୁର୍ଗର ଏ ଭାଷାରେ,
ରଚେ ଏବେ ବିଜେ ହେଉ ସୁସାରେ ॥

# ୩୧

ଲୀଳାନିଧି ହେ, ଲାଜେ ମୁଁ ଗଲିଟି ସଢ଼ୀ
ଲୁଚାଇଛ କାହିଁ ଶ୍ୟାମ ହେ ଦିଅ ମୋ ଲାଗି ଶାଢ଼ୀ ॥

ଲଭି ତୁମ୍ଭଙ୍କୁ ପ୍ରାଣବନ୍ଧୁ କରି, ଲୋକହସାରେ ଯେବେ ଯିବି ସରି
ଲସିବି ଯେବେ ପାଇ ନିନ୍ଦା ଦାଉ, ଲାଗିଲି ଆପଣଙ୍କୁ କେହି ଆଉ ॥

ଲକ୍ଷ ଲକ୍ଷ ରାଣ ଅଛିଟି ମୋର, ଲଲାମ ଆଦି ଭୂଷା ସଜ କର,
ଲିଭିଥିବ ଭ୍ରୂରୁ ମଧ୍ୟ ତିଳକ, ଲେଖିଦିଅ ବେଗେ ନ ଦେଖୁ ଲୋକ ॥

ଲୋଭୀ, ଶ୍ରୀଭୁଜବନ୍ଧ ଶିଥିଳାଅ, ଲତା ଗହଳେ ଗହନେ ପଳାଅ,
ଲାଗିଛି ଲାକ୍ଷା ମୁକୁଟ ଶିଖଣ୍ଡେ, ଲାଜକଥା ଲୋକେ ଦେଖିଲେ ଦାଣ୍ଡେ ॥

ଲଗାଇଛ ହଟ ଯେଉଁ ରସରେ, ଲୁଟିବ ସିନା କାଲି ପ୍ରଦୋଷରେ,
ଲଙ୍ଘି ଆଶ୍ରିତେ ଥିବା କୃପାସିନ୍ଧୁ, ଲାଞ୍ଛୁଆଟି କେଡ଼େ ହେଲ ହେ ବନ୍ଧୁ ॥

ଲଳିତା ନୋହେଟି ଯେ ତାକୁଅଛି, ଲକ୍ଷେ ଦୁଷ୍ଟେ ରଖିଅଛି, ମୁଁ ବାଛି,
ଲଘୁକରିଦେବ ଦେଖିବା କ୍ଷଣେ, ଲେଖାଧିପ ଅଷ୍ଟଦୁର୍ଗର ଭଣେ ॥

# ବି

ବିଚିତ୍ର ବେଶ ମଞ୍ଜୁଳା ରେ ବାଳା, ବିବିଧ ଚାତୁରୀଶୀଳା,
ବିଭାବରୀ ଅର୍ଦ୍ଧେ ଏକାକୀ ଏକାକୀ ହୋଇ ରଚୁ ଫୁଲଡୋଳା ରେ,
ବିଳାସକୁଶଳା ରେ, ବଲ୍ଲୀନିଳୟବିହାରଲୋଳା ॥

ବାଳକାଳୁ ବାସ ପରି ରେ ବାଳା, ବଞ୍ଚୁଥିଲୁ ଅନୁସରି,
ବିଲକ୍ଷଣ ବନବିହାରଉତ୍ସବ ବେଳେ ଯା ଦେଲୁ ପାଶୋରି ରେ,
ବିଚାର ତ ଗୋରୀ ରେ, ବିଶ୍ୱେ କାହିଁକି ପ୍ରୀତି ଆଚରି ॥

ବ୍ୟସ୍ତ ହୋଇ ଚିତ୍ରମାଛି ରେ ବାଳା, ବ୍ରଣଗତ ତ ଦିଶୁଛି,
ବିମ୍ବାଧରୁ ନବପଲ୍ଲବମାନଙ୍କୁ ବାଣ୍ଟିଲୁ କି କିଛି କିଛି ରେ,
ବିଶ୍ଳଥ ହୋଇଛି ରେ, ବାସ ପିନ୍ଧିଥାଉ ପରା କାଛି ॥

ବଲ୍ଲୀକି ଅନାଇ ଦୂରୁରେ ରେ ବାଳା, ବାସରେ ତ ଭୟ୍ କରୁ,
ବ୍ରଜେ ଆଜ ଶୁଣି ଆସିଲୁ ତୁ ପୁଣି ପ୍ରତିରାତି ଆସି ଘରୁ ରେ,
ବିଜନେ ସଞ୍ଚରୁ ରେ, ବଡ଼ ବିଷମ ଏ ଯା ନ ଡରୁ ॥

ବିନୟନୟନବସତି ରେ ବାଳା, ବିମୋହନ କଳାବତି,
ବିରୂପାକ୍ଷ ଦେବ ବିପକ୍ଷକୁ ଜିଣି ଯଶେ ମଣ୍ଡିଲୁ କି କ୍ଷିତି ରେ;
ବଲ୍ଲବଯୁବତୀ ରେ, ବନ୍ଦେ ଅଷ୍ଟଦୁର୍ଗଧରାପତି ॥

# ଶ

ଶ୍ୟାମ ଶିଖଣ୍ଡଚୂଳ, ଶ୍ରମ କି ଆଜଯାକେ ହେଲା ସଫଳ ।।

ଶର୍ବରୀ ନିଦ୍ରା ବିନା ଗଲା କି ସରି, ଶମ୍ବରପରପୁର କଲ କି ଲୁରି ।।

ଶ୍ରୀଅଙ୍ଗ ବେଶ କିପାଁ ଏପରି ଆଜ, ଶରଦଚନ୍ଦ୍ର ତୁମ୍ଭୁନାହିଁ କି ଲାଜ ।।

ଶିଶୁ ହେଲେହେଁ ତୁମ୍ଭେ କଲଭ ସରି, ଶଶକିଶୋରୀଟିକି ଦେଲ ଯେ ସାରି ।।

ଶିରୀଷମାଳା ଦଳିଦେଇ କୁଠାରେ, ଶଙ୍କା ନ କଲ ସଖୀମାନଙ୍କଠାରେ ।।

ଶରମପ୍ରଦ ଆଜସରିକି ହେଲା, ଶମନସ୍ୱସା-ତଟ-ଅଟବୀବୁଲା ।।

ଶିର ସୁନ୍ଦର ଦିଶେ ଯାବକ ବୋଳେ, ଶରଣ ବୋଲି କି ପଡ଼ିଲ ପା ତଳେ ।।

ଶପଥ ଶତ ଅଛି କହଟି ସତେ, ଶ୍ରୀ ବାଲୁକେଶ ନୃପ ରଚିଲେ ଗୀତେ ।।

# ସ

ସପତଟି ମୋର ରେ, ସହ ଏହି ଥର ରେ,
ସାର ହାରମସାରମଣିବର ପରି ଧରି ବକ୍ଷ୍ୟସ୍ଥଳେ ନିରନ୍ତର,
ନ ଫିଙ୍ଗି ପୁଣି ହଟି ସୁନ୍ଦର ହୃଦ୍‌ହଇଟି
ବିଚାରି ଭରସା ବଢ଼ାଅ ଅପରିମିତ ॥

ଶୁଣିଲେ ଆଉକେ ବ୍ରଜେ, ସରିଯିବି ସିନା ଲାଜେ,
ସାହା ତୁ ନୋହିଲେ କିଛି, ସଂସାରେ ନିକି ମୁଁ ଅଛି ॥

ସାଧୁଜନ କୁକ୍ଷିକ୍ରୂପେ, ଭଲ ମନ୍ଦ ସିନା ଛପେ,
ସଂହର କ୍ରୋଧ ଉଦୟ, ସହଜେ ତୁ ସହୃଦୟ ॥

ସବୁ ଅନ୍ୟାୟ ଚରିତ, ଶିକ୍ଷାକୁ ଗୁରୁ ତୁହି ତ,
ସମୟେ କାଟୁ ତୋଟିକି, ସଖା ଲକ୍ଷଣ ଏ ଗିକି ॥

ସମାଂସମୀନା ଅୟୁତେ, ସମର୍ପି ଦେବିଟି ତୋତେ,
ସମ୍ଭାଳ ମୋର ଆବୁର, ସର୍ବସ୍ୱ ପରା ତୁ ମୋର ॥

ସାକ୍ଷାତ ଦେଖିଲା ପରି, ସାକ୍ଷୀ ହେବାକୁ ବାହାରି,
ସାଧିବାର ଅବିଚାର, ସପନ୍ ନୁହେଁ ମୁଁ ତୋର ॥

ସାନ୍ଦୀପନିସୁତ ଯତି, ସେ କି ଜାଣେ ବୋଲି ପ୍ରୀତି,
ସରସେ ପିଟିବେ ଡକ୍‌କା, ସମ୍ଭାଦିବୁ ଏତେ ଏକା ॥

ଶୁଣି କିଶୋର ବଚନ, ସଖା କଲେ ଆଲିଙ୍ଗନ,
ସୁତ୍ରାମା ଅଷ୍ଟଦୁର୍ଗର, ସନ୍ତୋଷେ ଯୋଡ଼ିଲେ କର ॥

# ଷ

ଷଟପଦନୀଳକେଶା ଆଗୋ ଚାହଁ ଚାହଁ,
ସର୍ବଂସହାରେ ଖେଳୁଛି ନବ ବାରିବାହ;
        ସମୀପରେ ତାର ରହି,
ସରଜୁଛନ୍ତି ନର୍ତ୍ତନ ଅନେକ ବରହୀ ॥

ସଜ ହୋଇ ସ୍ମରସରଦାର ଅବା ଆସେ,
ସ୍ୱକୀୟ ଫଉଜ ଘେରିଅଛି ଚଉପାଶେ,
        ସାରିଦେବ ପରା ଆଜ,
ସରୋଜସୁନ୍ଦରନେତ୍ରା ଜନ ମନ ଲାଜ ॥

ସୁରେଶ୍ୱର ରତନ କି ହେବାରୁ ଜଙ୍ଗମ,
ସବୁ ମଣିମାନଙ୍କୁ ମିଳିଲା ସେହି କ୍ରମ,
        ସ୍ୱର୍ଣ୍ଣ ବର୍ଣ୍ଣାଏ ଏଣିକି
ସମ୍ପାଦିବେ ମୂର୍ତ୍ତିମନ୍ତ ରତନ ଶ୍ରେଣୀକି ॥

ସଞ୍ଚରଣଶୀଳ ନବ ତମାଳ ଭୂରୁହ,
ସଙ୍ଗେ ଘେନି ଆସୁଅଛି ସଖା-ଶାଖୀବ୍ୟୂହ,
        ଶୁକ ଶାରୀ ପରଭୃତ,
ଶାଖାମାନଙ୍କରେ କରୁଅଛନ୍ତି ସଙ୍ଗୀତ ॥

ସୁରଧୁନି ତୀରେ କରିଥିବା ଯେବେ ତପ,
ସଙ୍ଗାଳି କରି ଏ ତାପିଞ୍ଛର ଅନାତପ,
        ସୁଖେ ବଞ୍ଚିବା ବସନ୍ତେ,
ସାମନ୍ତ ସୁଧାଂଶୁ ଜଗଦ୍ଦେବ ବୋଲେ ଗୀତେ ॥

# ହ

ହରି ଆମ୍ଭର ଏ ତ ପ୍ରାଣଧନ ॥

ହରିହୟମଣିକି ଜିଣିଛି ଅପଘନ,
ନିନ୍ଦୁଅଛି ଇନ୍ଦୁକୁ ବଦନ ଗୋ ॥

ହଜାର ସଂଖ୍ୟକ ହେଲେ ହେଲେହେଁ ମଦନ,
ନୋହିବ ଏ ମୋହନ ସମାନ ଗୋ ॥

ହଜି ନ ଯିବ ଜୀମୂତକେଶୀର କି ଜ୍ଞାନ,
ଶୁଣୁ ଶୁଣୁ ମୃଦୁ ବେଣୁ ଗାନ ଗୋ ॥

ହଟ ଥରେ କରିବା କି ରଦାମ୍ବର ପାନ,
ହେଉ ଫଳବନ୍ତ ଯଉବନ ଗୋ ॥

ହାର ମଧ୍ୟରେ ଆମ୍ଭର ତରଳରତନ ଗୋ,
ହେବେ କିଏ ଯୁବତୀ ଜୀବନ ଗୋ ॥

ହୃଷ୍ଟ ହୋଇ ଅଷ୍ଟଦୁର୍ଗ ନମୁଚିସୂଦନ ଗୋ,
କରେ ଏ ରସରେ ବିରଚନ ଗୋ ॥

# କ୍ଷ

କ୍ଷମାନୁକମ୍ପାଧର ହେ,
କ୍ଷୀରସାଗରସମ୍‌ବାକୁଚକୁମ୍‌ଯୁଗଳପରିରମ୍‌ଚତୁର ହେ ॥

କ୍ଷିତିଚକ୍ରବାଳ ମହାଭୀତି ନିବାରଣ ହେ,
ଶ୍ରୁତିଶିର-ଅବତଂସାକୃତି ଶ୍ରୀଚରଣ ହେ,
ମରାଳବିହରଣ,କରାର୍ଚ୍ଚିତ ଚରଣ,ଧରାଭାର ହରଣ, ଚରାଚର ଶରଣ,
ତରାବର କିରଣ, ବରାବର ଚରଣ,ନଖାଂଶୁ ସୁରଗଣଶିଖାଭରଣ ହେ ॥

କ୍ଷଣେ ହେଲେ ନାମକୁ ନ ଭଣେ ମୁଁ ତୁମ୍‌ର ହେ,
ଜଣେ ତ ହେବାରୁ ପାପୀଗଣେ ବିଶ୍ୱମ୍‌ର ହେ,
ମନା ନ କର ହିତ, ଅନାଦରରହିତ,ଅନାଉଣି ନିରତ, ଚୂନାକରୁ ଦୂରୀତ
ଅନାରତ ମୋ ଚିତ୍ତ, ମନାସୁଛି ଅହିତ,ଜନାର୍ଦ୍ଦନ ପତିତଜନାବହିତ ହେ ॥

କ୍ଷମ ତ ମୁଁ ଦୁହେଁ ଅନୁପମ-ଅନୁଭାବ ହେ,
ଯମଦଣ୍ଡରୁ ମୋ ରକ୍ଷା କେମନ୍ତଟି ହେବ ହେ,
ଜଳାକରଭବନ, ବଳାମୁଖ ଭୁବନ, ବଳାହିତ ରତନ, ବଳାବରଜ ଜନ,
କଳାପରି ବୃଜିନ, ଦଳା ସୁକୃତଧନ,ବଳାଢ୍ୟମୁନିମନ, କଳାପୀ ଘନ ହେ ॥

କ୍ଷମାଧିପ ଜଗଦ୍ଦେବ ସମାପନ କର ହେ,
ଶ୍ରମାର୍ତ୍ତ ହେବାରୁ ଭବ ଭ୍ରମାତିଶୟରେ ହେ,
ବ୍ୟଥା ନିବହ ହର, ପ୍ରଥାଚଳୁ ମିହିର,ପଥାନ୍ତରକୁ ହର, ରଥାଦିରୁ ଅମର,
ମଥାମଣି ନିକର, ରଥାଙ୍ଗଯୁତ କର,କଥା ବିନୟ ମୋର ବୃଥା ନକର ହେ ॥